بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୭ ଜୁନ୍ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ପବିତ୍ର ମକ୍କା ସହର ଜୟ କରି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ^ସ.ଅ^ ନିଜ ଅନୁଚରମାନଙ୍କ ସହିତ ଭବ୍ୟତାର ସହିତ ମକ୍କାରେ ପ୍ରବେଶ କରିବା ଏବଂ ଅବୁ ସୁଫିୟାନର ବିଶ୍ୱାସ ଆଣିବା ଘଟଣାର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର^ଅ.ବ^ କହିଲେ; ଗତ ଖୁତ୍‌ବାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ^ସ.ଅ^ଙ୍କର ମୁସଲମାନମାନଙ୍କ ସେନା ବାହିନୀ ସହିତ ନିରବତାର ସହ ପବିତ୍ର ମକ୍କା ସହରର ନିକଟବର୍ତ୍ତୀ ହେବା ଏବଂ ଶିବିର ଲଗାଇବାର ଚର୍ଚ୍ଚା ହୋଇଥିଲା । ତା'ପରେ ହୁଜୁର^ସ.ଅ^ ଦଶ ହଜାର ସ୍ଥାନରେ ଅଗ୍ନି ପ୍ରଜ୍ୱଳିତ କରାଇଥିଲେ, ଅବୁ ସୁଫିୟାନ ଓ ତାହାର ସାଥୀମାନେ ଏହି (ଆତ୍ମହରା) ଦୃଶ୍ୟ ଦେଖି ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇ ଉଠିଥିଲେ । ଏହାର ଆଂଶିକ ବ୍ୟାଖ୍ୟା ପୂର୍ବ ଖୁତ୍‌ବାରେ ବର୍ଣ୍ଣନା ହୋଇଥିଲା, ଆଜି ଅତିରିକ୍ତ ଘଟଣାବଳୀର ଚର୍ଚ୍ଚା କରୁଅଛି ।

ହଜରତ ମୁସଲେହ୍ ମଉଦ^ର.ଅ^ ଗୋଟିଏ ସ୍ଥାନରେ ଏପରି ବର୍ଣ୍ଣନା କରନ୍ତି ଯେ, ହଜରତ ଅବ୍‌ବାସ^ର.ଅ^ ଯେହେତୁ ଅବୁ ସୁଫିୟାନର ପୁରାତନ ବନ୍ଧୁ ଥିଲେ, ତେଣୁ ସେ ତାହାକୁ ନିଜ ସହିତ ହୁଜୁର ^ସ.ଅ^ଙ୍କ ନିକଟକୁ ନେଇଯିବାକୁ ରାଜି କରାଇଲେ ଏବଂ ନିଜ ସହିତ ଓଟରେ ବସାଇ ପୁଣ୍ୟଶ୍ଳୋକଙ୍କ ସେବାରେ ଉପସ୍ଥିତ କରାଇଲେ । ଅବୁ ସୁଫିୟାନ ଯେତେବେଳେ ହୁଜୁର ^ସ.ଅ^ଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଇସଲାମୀୟ ସେନାର ବୈଶିଷ୍ଟ୍ୟ, ପରାକ୍ରମ ଓ ଶୃଙ୍ଖଳିତ ବ୍ୟବସ୍ଥା ଦେଖିଲା ସେ ଆଶ୍ଚର୍ଯ୍ୟ ଚକିତ ହୋଇଗଲା । ତାହା ହୃଦୟରେ ବିରାଟ ପରିବର୍ତ୍ତନ ଆସି ଯାଇଥିଲା କାରଣ ସେ ସାତ ବର୍ଷ ପୂର୍ବର କଥା ମନେ କରୁଥିଲା, ଯେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ^ସ.ଅ^ଙ୍କୁ ମକ୍କା ସହରରୁ ବିତାଡ଼ିତ କରିଦିଆ ଯାଇଥିଲା ଏବଂ ଆଜି ସେହି ପବିତ୍ର ଅବତାର ଦଶ ହଜାର ସୈନ୍ୟ ସାମନ୍ତ ସହିତ ବିନା କୌଣସି ଅନ୍ୟାୟ, ଅତ୍ୟାଚାର ତଥା ସଂଘର୍ଷରେ ସେହି (ପ୍ଲାବନ ଭୂମିରେ) ପଦାର୍ପଣ କରି ନେଇଥିଲେ । ହୁଜୁର^ସ.ଅ^ ଅବୁ ସୁଫିୟାନର ଅବସ୍ଥା ଦେଖି କହିଲେ; ତାହାକୁ ହଜରତ ଅବ୍‌ବାସ^ର.ଅ^ ସହିତ ରାତ୍ରି ଯାପନ କରିବାକୁ ଦିଆଯାଉ ଯଦ୍ୱାରା ସେ (ଆମ) ଅବସ୍ଥା ଦେଖି ସବୁକିଛି ହୃଦୟଙ୍ଗମ କରିପାରିବ । ଯେତେବେଳେ ଫଜର୍ ସମୟ ହେଲା ସେତେବେଳେ ଅବୁ ସୁଫିୟାନ ମୁସଲମାନମାନଙ୍କୁ ୱ୍‌ଜୁ କରି ସଫ୍ (ଧାଡ଼ି) ବାନ୍ଧି ନମାଜ ପାଠ କରୁଥିବାର ଦେଖିଲା, ତାହା ଦେଖି ସେ ଘାବରା ହୋଇଗଲା ଯେ, ସମ୍ଭବତଃ ଏହା (ତାହାକୁ) ଦଣ୍ଡ ଦେବା ପାଇଁ କୌଣସି ନୂତନ ପଦ୍ଧତି ଅବଲମ୍ବନ କରାଯାଉଅଛି । କିନ୍ତୁ ହଜରତ ଅବ୍‌ବାସ^ର.ଅ^ ତାହାକୁ କହିଲେ; ଏମାନେ ନମାଜ ପାଠ କରୁଛନ୍ତି । ନମାଜ ପାଠ କରିବା ସମୟରେ ଯେତେବେଳେ ଅବୁ ସୁଫିୟାନ ଦେଖିଲା ଯେ, ସହସ୍ର ମୁସଲମାନ ମହାଭାଗ ^ସ.ଅ^ଙ୍କ ପଛରେ ରୁକୁ ଓ ସଜ୍‌ଦା କରୁଛନ୍ତି ସେତେବେଳେ ସେ ହଜରତ ଅବ୍‌ବାସ ^ର.ଅ^ଙ୍କୁ କହିଲା; ମୁଁ କିସ୍‌ରା ଓ କୈସର୍ (ଇରାନ ଓ ରୋମ) ର ଦରବାର ମଧ୍ୟ ଦେଖିଛି । **କିନ୍ତୁ ଏପରି ବିଶ୍ୱସ୍ତ ଓ ଉତ୍ସର୍ଗୀ ସମ୍ପ୍ରଦାୟ କୌଣସି ସ୍ଥଳେ ଦେଖି ନାହିଁ, ଯାହା ମୁହମ୍ମଦ ^ସ.ଅ^ଙ୍କ ସହିତ ରହିଛି ।** ହଜରତ ଅବ୍‌ବାସ^ର.ଅ^ ପୁନଶ୍ଚ କହିଲେ; ଏବେ ତୁମ ପାଇଁ ଉତ୍ତମ ହେବ ଯେ, ତୁମେ ହୁଜୁର ^ସ.ଅ^ଙ୍କ ନିକଟରୁ (ନିଜ ସକାଶେ) ଦୟା ଓ କ୍ଷମା ପ୍ରାର୍ଥନା କର । ଯେତେବେଳେ ନମାଜ ଶେଷ ହେଲା ସେହିକ୍ଷଣି ହଜରତ ଅବ୍‌ବାସ^ର.ଅ^ ଅବୁ ସୁଫିୟାନକୁ ହୁଜୁର ^ସ.ଅ^ଙ୍କ ନିକଟକୁ ଘେନି ନେଲେ । ହୁଜୁର^ସ.ଅ^ ଅବୁ ସୁଫିୟାନକୁ

ଏକେଶ୍ୱରବାଦ ଓ ନିଜ ଅବତାରତ୍ୱ ଉପରେ ବିଶ୍ୱାସ ସ୍ଥାପନ କରିବାକୁ କହିଲେ । ଅବୁ ସୁଫିୟାନ ଅଲ୍ଲାଃଙ୍କ ଏକ ଓ ଅଦ୍ୱିତୀୟ ହେବା ପ୍ରସଙ୍ଗ ତ ବିଶ୍ୱାସ କରିନେଲା କିନ୍ତୁ ହୁଜୁର [ସ.ଅ]ଙ୍କ ଅବତାର ହେବା ବିଷୟରେ ଅସମ୍ମତ ଭାବ ପ୍ରକାଶ କଲା । ଯେତେବେଳେ କି ତାହାର ସାଥି ହକିମ୍ ବିନ୍ ହଯାମ୍ ଓ ଅନ୍ୟ ଜଣେ ଅମାନ୍ୟକାରୀ ଇସଲାମ ଧର୍ମର ଦିକ୍ଷା ନେଲେ । ଯଦିଚ ପରବର୍ତ୍ତୀ ସମୟରେ ଅବୁ ସୁଫିୟାନ ମଧ୍ୟ ଇସଲାମ ଧର୍ମ ସ୍ୱୀକାର କରିନେଇଥିଲା । କିନ୍ତୁ ପୂର୍ଣ୍ଣ ରୂପେ ତାହାର ହୃଦୟ (ମୁସଲମାନମାନଙ୍କ) ମକ୍କା ବିଜୟ ପରେ ଉନ୍ମୁକ୍ତ ହୋଇଥିଲା । ହକିମ୍ ବିନ୍ ହଯାମ୍ ହୁଜୁର [ସ.ଅ]ଙ୍କୁ ପ୍ରଶ୍ନ କଲେ ଯେ, କ'ଣ ଏହି ସେନା ନିଜ ବଂଶଜଙ୍କୁ ନିପାତ କରିବା ସକାଶେ ଆସିଛି ? ଏହାର ସ୍ୱଷ୍ଟ ଉତ୍ତର ଦେଇ ପୁଣ୍ୟଶ୍ଳୋକ କହିଲେ; ମକ୍କାବାସୀ ଅନୀତି, ପ୍ରତିଜ୍ଞାଭଙ୍ଗ ଓ ଅତ୍ୟାଚାର ପୂର୍ବକ ରକ୍ତପାତ କରିଛନ୍ତି । ତେଣୁ (ଆମେ) ଏପରି କଠୋର ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେଲୁ । ପୁନଶ୍ଚ ହୁଜୁର[ସ.ଅ] କହିଲେ; **ଯେଉଁ ଲୋକମାନେ ଖଣ୍ଡା ଉତ୍ତୋଳନ କରିବେ ନାହିଁ ଅଥବା ନିଜ ଘରେ ନିରବ ରହିବେ ଅଥବା ଅବୁ ସୁଫିୟାନ, ହକିମ୍ ବିନ୍ ହଯାମ୍ ଅଥବା ମସଜିଦେ ହରାମ୍‌ରେ ଶରଣ ନେବେ ତାହାକୁ ସୁରକ୍ଷା ପ୍ରଦାନ କରାଯିବ ।**

ହଜରତ ଅବ୍‌ବାସ[ର.ଅ] ଅବୁ ସୁଫିୟାନ ସଂକ୍ରାନ୍ତରେ ଆଶଙ୍କା ପ୍ରକଟ କଲା ଯେ, ତାହାର ଇସଲାମ ଏବେ ଦୁର୍ବଳ । ହୁଜୁର[ସ.ଅ] କହିଲେ; ତାହାକୁ ଅଟକାଅ ଯଦ୍ୱାରା ସେ ଇସଲାମ ସେନାକୁ ସ୍ୱଚକ୍ଷୁରେ ଅବଲୋକନ କରିନେଉ । ଅତଃ ହଜରତ ଅବ୍‌ବାସ[ର.ଅ] ଅବୁ ସୁଫିୟାନକୁ ଏକ ଘାଟିରେ ଅଟକାଇ ନେଲେ । ଯେଉଁସ୍ଥଳେ କବିଲାର ସେନା ତାକୁ ଅତିକ୍ରମ କଲା । ଅବୁ ସୁଫିୟାନ ଇସଲାମୀୟ ସେନାର ପ୍ରତାପ ଓ ପରାକାଷ୍ଠା ଅବଲୋକନ କରିନେଲା । ଅନସାର୍ ଦଳର ସେନାଧ୍ୟକ୍ଷ ହଜରତ ସାଦ୍ ବିନ୍ ଅବାଦାଃ ଉତ୍ତେଜିତ ହୋଇ କହଲେ; ଆଜି ସଂଘର୍ଷର ଦିନ, ଆଜି କାବା'ର ପରମ୍ପରା ବଜାୟ ରହିବ ନାହିଁ । ଏହାର ଅବୁ ସୁଫିୟାନ ଆଲୋଚନା କରିବାରୁ ହୁଜୁର[ସ.ଅ] ଯିଏକି ସ୍ୱୟଂ ଏକ ସୈନ୍ୟ ଦଳର ସହିତ ପ୍ରସ୍ଥାନ କରୁଥିଲେ, ଯାହାର ଧ୍ୱଜା ହଜରତ ଜୁବୈର୍ ବିନ୍ ଅୱାମ [ର.ଅ]ଙ୍କ ନିକଟରେ ରହିଥିଲା । ଆଉ ଏକ ବର୍ଣ୍ଣନାନୁଯାୟୀ ଯେତେବେଳେ ହୁଜୁର[ସ.ଅ] ଅବୁ ସୁଫିୟାନ ନିକଟରୁ ଅତିକ୍ରମ କଲେ ସେତେବେଳେ ସେ କହିଲା; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! କ'ଣ ଆପଣ ନିଜ ବଂଶ ପରିଜନମାନଙ୍କୁ ହତ୍ୟା କରିବାର ନିର୍ଦ୍ଦେଶ ଦେଇଛନ୍ତି ? କ'ଣ ଆପଣ ଜାଣନ୍ତି ସାଦ ବିନ୍ ଅବାଦାଃ ଆପଣ [ସ.ଅ]ଙ୍କ ସଂକ୍ରାନ୍ତରେ ଏପରି କଥା କହୁଛନ୍ତି ? ମୁଁ ଆପଣଙ୍କୁ ଆପଣଙ୍କ ଦଳ ସଂକ୍ରାନ୍ତରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କର ରାଣ ଦେଉଛି, **ଆପଣ ସମସ୍ତ ଲୋକମାନଙ୍କ ତୁଳନାରେ ଅଧିକ ପବିତ୍ର, ଦୟାଳୁ ଓ ନମ୍ର ଆଚରଣକାରୀ ।** ଏଥିରେ ହୁଜୁର[ସ.ଅ] କହିଲେ; ସାଦ୍ ଭୁଲ କଥା କହିଛନ୍ତି । ଆଜିର ଦିନ ତ ଦୟା ଓ କ୍ଷମା କରିବାର ଦିନ, ଆଜି ଅଲ୍ଲାଃ ପବିତ୍ର ପୀଠସ୍ଥଳୀ କାବାକୁ ଗୌରବାନ୍ୱୀତ କରିବେ ଏବଂ ଅଲ୍ଲାଃତାଲା କୁରୈଶକୁ ପ୍ରକୃତ ସମ୍ମାନ ପ୍ରଦାନ କରିବେ । ତା'ପରେ ହୁଜୁର[ସ.ଅ] ସାଦ୍ ବିନ୍ ଅବାଦାଃଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ ଏବଂ ତାଙ୍କ ଠାରୁ ଧ୍ୱଜା ନେଇ ତାଙ୍କ ପୁତ୍ର ହଜରତ କୈସ୍ [ର.ଅ]ଙ୍କୁ ପ୍ରଦାନ କରିଦେଲେ ।

ହଜରତ ମୁସଲେହ୍ ମଉଦ[ର.ଅ] ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି ଯେ, ଏପରି ଆପଣ ମକ୍କାବାସୀଙ୍କ ମନସ୍ତାପ ହେବାର ଉପାୟ କରିଥିଲେ ଏବଂ ଅନସାର୍‌ଙ୍କ ହୃଦୟକୁ ଧକ୍କା ଲାଗିବାରୁ ମଧ୍ୟ ରକ୍ଷା କରିନେଲେ । ହୁଜୁର [ସ.ଅ]ଙ୍କର କୈସ୍‌ଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିଥିଲା । କାରଣ କୈସ୍ ଅତି ସଦାଚାରୀ ଓ ପୁଣ୍ୟବାନ ସ୍ୱଭାବର ଯୁବକ ଥିଲେ । ଇବ୍‌ନେ ଅବି ଶୈବା ବର୍ଣ୍ଣନା କରନ୍ତି, ହଜରତ ଅବ୍‌ବାସ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଆପଣ ମୋତେ ଅନୁମତି ଦେଲେ ମୁଁ ମକ୍କାବାସୀଙ୍କ ନିକଟକୁ ଯିବି ଏବଂ ସେମାନଙ୍କୁ ଇସଲାମ ଧର୍ମ ପ୍ରତି ଡ଼ାକରା ଦେବି । ଆଉ ଆପଣ[ସ.ଅ] ସେମାନଙ୍କୁ ଶାନ୍ତି ଓ ନିରାପତ୍ତା ପ୍ରଦାନ କରିଦେବେ । ଅତଏବ ହୁଜୁର[ସ.ଅ] ଏକ ଧବଳ ଖଚ୍ଚର ଉପରେ ଆରୋହଣ କରି ପ୍ରସ୍ଥାନ କଲେ । ସେ ମକ୍କାରେ ପ୍ରବେଶ କଲେ ଏବଂ କହିଲେ; **ହେ ମକ୍କାବାସୀ ! ଇସଲାମ ଧର୍ମ ଗ୍ରହଣ କରିନିଅ, ତୁମକୁ ମୁକ୍ତି ପ୍ରାପ୍ତ ହୋଇଯିବ । ତୁମ ନିକଟକୁ ଏକ ବିଶାଳ ସେନା ବାହିନୀ ଆସିଅଛି ଯାହାର ପ୍ରତିଦ୍ୱନ୍ଦିତା କରିବାର ସାମର୍ଥ୍ୟ ତୁମର ନାହିଁ ।**

ହଜରତ ମୁସଲେହ୍ ମଉଦ[ର.ଅ] ବର୍ଣ୍ଣନା କରନ୍ତି, ଯେତେବେଳେ ଅବୁ ସୁଫିୟାନ ନିଜ ମନରେ ପ୍ରସନ୍ନିତ ଥିଲା ଯେ, ମୁଁ ମକ୍କାବାସୀଙ୍କ ମୁକ୍ତିର ମାର୍ଗ ସମତୁଲ କରିଦେଇଛି । ତାହାର ପତ୍ନୀ ହିନ୍ଦା ଯେ, ଇସଲାମର ପ୍ରାରମ୍ଭରୁ ମୁସଲମାନମାନଙ୍କ

ସକାଶେ ଘୃଣା ଓ ଦ୍ୱେଷଭାବ ରଖିବାର ଶିକ୍ଷା ଦେଇ ଆସୁଥିଲା ଏବଂ ଅମାନ୍ୟକାରୀ ହେବା ସହିତ ଜଣେ ବୀର ଓ ସାହାସି ମହିଳା ଥିଲା, ସେ ଆଗକୁ ବଢି ନିଜ ସ୍ୱାମୀର ଦାଢି ଧରିନେଲା । ଆଉ ମକ୍କାବାସୀଙ୍କୁ ଡ଼ାକ ଛାଡ଼ିଲା ଯେ, ହେ ଲୋକମାନେ ! ଆସ ଓ ଏହି ମୁର୍ଖବୃଦ୍ଧ ଲୋକକୁ ହତ୍ୟା କରିଦିଅ । କାରଣ ଏ ତୁମକୁ ଉପଦେଶ ଦେବା ପରିବର୍ତ୍ତେ କି ହେ ଲୋକମାନେ ! ଯାଅ, ଯାଇ ନିଜ ଓ ନିଜ ସହରର ସମ୍ମାନ ରକ୍ଷା କରିବା ସକାଶେ (ମୁସଲମାନମାନଙ୍କର) ମୁକାବିଲା କର, ସେ ତୁମ ମଧ୍ୟରେ ଶାନ୍ତି ସ୍ଥାପନ କରିବାର ଘୋଷଣା କରୁଅଛି । ଅବୁ ସୁଫିୟାନ ତାହାର ହରକତ ଦେଖି କହିଲା; ହେ ମୁର୍ଖ ମହିଳା ! ଏହା ଏପରି (ଲୋକମାନଙ୍କୁ ଉତ୍ତେଜିତ) କରିବାର ସମୟ ନୁହେଁ । ଏଠାରୁ ଚାଲିଯାଅ ଓ ନିଜ ଘରେ ଲୁଚିପଡ, **କାରଣ ମୁଁ ସେହି ବିଶାଳ ସେନାକୁ ଦେଖି ଆସିଛି ଯାହାର ମୁକାବିଲା କରିବାର ସାମର୍ଥ୍ୟ ସମଗ୍ର ଆରବବାସୀ ମଧ୍ୟ ରଖୁ ନାହାନ୍ତି ।**

ଇସଲାମୀୟ ସେନା ମକ୍କାରେ ପ୍ରବେଶ କରିବାର ଘଟଣା ହଦିସ୍‌ର ପୁସ୍ତକ ବୁଖାରୀରେ ମଧ୍ୟ ଉଲ୍ଲେଖ ରହିଛି ଯେ, ହଜରତ ଉରଓ୍ୱାଃ ବର୍ଣ୍ଣନା କରନ୍ତି; ହୁଜୁର[ସ.ଅ] ହଜରତ ଜୁବୈର୍ [ର.ଅ]ଙ୍କୁ ଆଦେଶ ଦେଲେ ଯେ, ମକ୍କାର ଉପର ଭାଗ ଅର୍ଥାତ୍ କଦାରେ ପ୍ରବେଶ କର । ସେ ନିଜ ଧ୍ୱଜା ହଜୁନ୍ ଠାରେ ଲଗାଇ ଦିଅନ୍ତୁ ଏବଂ ମହାଭାଗ ଆସିବା ପର୍ଯ୍ୟନ୍ତ ସ୍ଥାନ ଅଧିକୃତ କରି ରଖିଥାନ୍ତୁ । ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍[ର.ଅ] ଇସଲାମୀୟ ସେନାର ଦକ୍ଷିଣ ଭାଗରେ ମୁତୟନ ଥିଲେ ଏବଂ ତାଙ୍କ ସୈନ୍ୟ ଦଳରେ ଅସଲମ୍, ସୁଲୈମ୍, ଗଫାର୍, ମୁଜୟନାଃ ଓ ଜୁହେନାଃ ଦଳ ସାମିଲ ଥିଲେ । ହୁଜୁର[ସ.ଅ] ତାଙ୍କୁ ଆଦେଶ ଦେଲେ ଯେ, ସେମାନେ ମକ୍କା ସହରର ନିଜ ଭାଗରେ ଆସିଥିବା ଅଞ୍ଚଳରେ ପ୍ରବେଶ କରନ୍ତୁ । ହୁଜୁର[ସ.ଅ] ତାଙ୍କୁ ନିକଟବର୍ତ୍ତୀ ଘରେ ଧ୍ୱଜା ଲହରାଇବାର ଆଦେଶ ଦେଲେ । ପୁଣ୍ୟଶ୍ଳୋକ ହଜରତ ଅବୁ ଉବୈଦାଃ ବିନ୍ ଜରାଃ [ର.ଅ]ଙ୍କୁ ପଦାତିକ ସୈନିକଙ୍କ ନେତୃତ୍ୱ ଦେଇଥିଲେ । ହୁଜୁର[ସ.ଅ] ନିଜ ସେନାଧକ୍ଷମାନଙ୍କୁ ଆଦେଶ ଦେଇଥିଲେ ଯେ, ସେମାନେ ଯୁଦ୍ଧ କରିବାରୁ ନିଜ ହସ୍ତ ବିରତ ରଖିବେ । କେବଳ ତାହା ସହିତ ସଂଘର୍ଷ କରିବେ ଯେ, ତାଙ୍କର ମୁକାବିଲା କରିବାକୁ ଆଗେଇ ଆସିବ ।

ଯେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ମକ୍କାରେ ପ୍ରବେଶ କରିବାକୁ ଯାଉଥିଲେ, ସେତେବେଳେ ମକ୍କାର କିଛି ଖଳ ପ୍ରବୃତ୍ତ ସରଦାର ଯେପରିକି ସଫଓ୍ୱାନ୍, ଅକ୍‌ରମା ଓ ସୋହେଲ୍ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବାର ପ୍ରସ୍ତୁତି ଆରମ୍ଭ କରିଦେଲେ ଏବଂ ଖନ୍ଦମା ସ୍ଥାନରେ କୁରୈଶ, ବନୁ ବକର୍ ଓ ହଜିଲ୍‌ର ଲୋକମାନଙ୍କୁ ଏକତ୍ରୀତ କଲେ । ସେମାନେ ଶପଥ କରି କହୁଥିଲେ ଯେ, ମୁହମ୍ମଦ[ସ.ଅ] ନିଜ ଶକ୍ତି ବଳରେ (କଦାପି) ମକ୍କାରେ ପ୍ରବେଶ କରିପାରିବେ ନାହିଁ । ବନୁ ବକର୍‌ର ଜଣେ ବ୍ୟକ୍ତି ଜମାଶ ବିନ୍ କୈଶ ମଧ୍ୟ ବେଶ୍ ଗର୍ବ ଓ ଅହଂକାର ସହ ପ୍ରସ୍ତୁତ ହୋଇଗଲା । କିନ୍ତୁ ତାହାର ପତ୍ନୀ ତାହାକୁ ଚେତାବନୀ ଦେଲେ ଯେ, ମୁହମ୍ମଦ [ସ.ଅ]ଙ୍କର ମୁକାବିଲା କରିବା ସମ୍ଭବ ନୁହେଁ । ତଥାପି ମଧ୍ୟ ସେ ଖନ୍ଦମା (ସ୍ଥାନକୁ) ଚାଲିଗଲା । ଯେତେବେଳେ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ [ର.ଅ]ଙ୍କର ସୈନ୍ୟଦଳ ସେଠାରୁ ମକ୍କାରେ ପ୍ରବେଶ କରିବାକୁ ଚେଷ୍ଟା କଲେ ସେତେବେଳେ ଅମାନ୍ୟକାରୀମାନେ ମୁକାବିଲା କଲେ ଏବଂ ଏପରି ଯୁଦ୍ଧ ଆରମ୍ଭ ହୋଇଗଲା । ପରିଣାମ ସ୍ୱରୂପ ବନୁ ବକର୍‌ର ୨୦ ଓ ହଜିଲ୍‌ର ୩ ଅବା ୪ଜଣ ସଦସ୍ୟ ଶହିଦ୍ ହେଲେ ଏବଂ ଶତ୍ରୁ ପକ୍ଷକୁ ଭୀଷଣ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା, ସେମାନେ ପ୍ରତ୍ୟେକ ଦିଗକୁ ବିକ୍ଷିପ୍ତ ହୋଇଗଲେ । ଜମାଶ୍ ବିନ୍ କୈସ୍ ମଧ୍ୟ ରଣକ୍ଷେତ୍ର ଛାଡ଼ି ପଳାୟନ କରି ନିଜ ଘରେ ଆତ୍ମଗୋପନ କଲା ଏବଂ ନିଜ ପତ୍ନୀକୁ କହିଲା ଦ୍ୱାର ବନ୍ଦ କରିଦିଅ । ଏଥିରେ ତାହାର ପତ୍ନୀ ତାକୁ କଟାକ୍ଷ କଲେ, ଫଳତଃ ଜମାଶ୍ ଅପମାନିତ ହୋଇ କବିତା ପାଠ କଲା ଯାହାର ଅର୍ଥ ଥିଲା ଯେ, ଯଦି ସେ ଖନ୍ଦମାର ଯୁଦ୍ଧ ଦେଖି ନେଇଥାନ୍ତା ତେବେ ଜାଣି ପାରିଥାନ୍ତା ଯେ ସଫଓାନ୍, ଅକରମା ସମସ୍ତେ ପଳାୟନ କରି ଯାଇଥିଲେ ଏବଂ ସେମାନଙ୍କ ମୁଣ୍ଡ ଉପରେ ଖଣ୍ଡା ବର୍ଷା ହେଉଥିଲା ।

ହଦିସ୍‌ର ପୁସ୍ତକ ବୁଖାରୀରେ ଉଲ୍ଲେଖ ରହିଛି, ହଜରତ ଖାଲିଦ୍ [ର.ଅ]ଙ୍କ ଅଶ୍ୱାରୋହୀମାନଙ୍କ ମଧ୍ୟରୁ ଦୁଇଜଣ ସୈନିକ ଶହିଦ୍ ହୋଇଥିଲେ । ଏବେ ଯେତେବେଳେ କି ମକ୍କାବାସୀ (ହୁଜୁର [ସ.ଅ]ଙ୍କ ଠାରୁ) ଶାନ୍ତି ଓ ନିରାପତ୍ତା ଲାଭ କରିନେଲେ । ଏପରି ଅବସ୍ଥାରେ ମୁହମ୍ମଦ[ସ.ଅ] ନିଜର ପ୍ରାଣ ଉତ୍ସର୍ଗକାରୀ ସାଥୀ, ବିଶ୍ୱସ୍ତ ଅନୁଚରମାନଙ୍କୁ ପାସୋରି

ନଥିଲେ । ସୁନିଶ୍ଚିତ ରୂପେ ମାତ୍ର ସ୍ୱଳ୍ପ ବର୍ଷ ପୂର୍ବରୁ ମକ୍କାର ଗଳିମାନଙ୍କରେ ମୁସଲମାନମାନଙ୍କୁ ଯେଉଁ ଅତ୍ୟାଚାର ଓ ନିର୍ଯ୍ୟାତନା ଦିଆଯାଉଥିଲା, ତାହା ମନେ ପଡୁଥିବ । ହଜରତ ବିଲାଲ୍ ଯାହାଙ୍କୁ ରସିରେ ବାନ୍ଧି ପଥୁରିଆ ଜମିରେ ଘୋସରା ଯାଉଥିଲା, ଆଜି କିନ୍ତୁ ସେହି ବିଲାଲ୍ ବିଜୟୀ ସେନାଦଳରେ ସାମିଲ ଥିଲେ । ସେତେବେଳେ ତାଙ୍କ ମନମସ୍ତିସ୍କରେ ମଧ୍ୟ ସେହି ଅନ୍ୟାୟ ଓ ଅତ୍ୟାଚାର ଦୃଶ୍ୟ ସତେଜ ହୋଇ ଉଠିଥିବ । ହୁଜୁର[ସ.ଅ] ତାହାର ମଧ୍ୟ ପ୍ରତିଶୋଧ ନେବା ଜରୁରୀ ମଣିଲେ ଏବଂ ଦେଖ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କିଭଳି ସୁନ୍ଦର ପ୍ରତିଶୋଧ ନେଲେ । ହଜରତ ମୁସଲେହ୍ ମଉଦ[ର.ଅ] ବର୍ଣ୍ଣନା କରନ୍ତି, ମକ୍କା ବିଜୟ ସମୟରେ ମହାଭାଗ ହଜରତ ବିଲାଲ୍ [ର.ଅ]ଙ୍କ ଭାଇ ଅବି ରୱିହା [ର.ଅ]ଙ୍କୁ ଧ୍ୱଜା ପ୍ରଦାନ କଲେ ଏବଂ ଘୋଷଣା କରିଦେଲେ ଯେ, ଯେଉଁମାନେ ଏହି ଧ୍ୱଜା ତଳେ ଏକତ୍ରୀତ ହେବେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ । ଏଥି ସହିତ ହଜରତ ବିଲାଲ୍ [ର.ଅ]ଙ୍କୁ ଆଦେଶ ଦେଲେ ଯେ, ସ୍ୱୟଂ ଯାଇ ମକ୍କାର ଗଳିରେ ଘୋଷଣା କରିଦିଅ । ଏହି ପଦକ୍ଷେପ ଏକ ଗଭୀର ବୁଦ୍ଧିଜ୍ଞାନୀ ଓ ଉଚ୍ଚ ଇସଲାମୀୟ ଚରିତ୍ରର ଦୃଷ୍ଟାନ୍ତ ଥିଲା । ବିଲାଲ୍ ସେହି ବ୍ୟକ୍ତି ଥିଲେ, ଯାହାଙ୍କୁ ମକ୍କାର ସେହି ଗଳିକନ୍ଦିରେ ଭୀଷଣ କଷଣ ସହ୍ୟ କରିବାକୁ ପଡିଥିଲା । କିନ୍ତୁ ମହାଭାଗ ହଜରତ ମୁହମ୍ମଦ[ସ.ଅ] ତାହାର ପ୍ରତିଶୋଧ ଖଣ୍ଡାରେ ନେଇ ନଥିଲେ, ବରଂ ବିଲାଲ୍‌ଙ୍କୁ ଶାନ୍ତି ପ୍ରଦାନ କରିବା ଘୋଷଣା କରିବାର ପ୍ରତିନିଧି କରିଦେଲେ । ଏଥିରେ ବିଲାଲ୍ [ର.ଅ]ଙ୍କ ହୃଦୟରୁ ପ୍ରତିଶୋଧ ନେବାର ଅଗ୍ନି ପ୍ରେମ ଓ ଗରିମାରେ ପରିବର୍ତ୍ତିତ ହୋଇଯାଇଥିଲା । ବିଲାଲ୍ ସେହିକ୍ଷଣେ ଅନୁଭବ କରୁଥିବେ ଯେ, ସେ କେବେ କ୍ରୀତଦାସ ଥିଲେ ଏବଂ ଅପମାନ ଓ ପରିହାସର ପାତ୍ର ଥିଲେ, ଆଉ ଆଜି ସେ ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି । ଏହି ପ୍ରତିଶୋଧ ହଜରତ ୟୁସୁଫ୍ [ଅ.ସ]ଙ୍କ ପ୍ରତିଶୋଧ ନେବା ଠାରୁ ଅଧିକ ଶ୍ରେଷ୍ଠ ଥିଲା । କାରଣ ହଜରତ ୟୁସୁଫ୍[ଅ.ସ] ନିଜ ଭାଇମାନଙ୍କୁ କ୍ଷମା କରିଥିଲେ ଯେତେବେଳେ କି ହୁଜୁର[ସ.ଅ] ନିଜ ଜାତିକୁ ଜଣେ କ୍ରୀତଦାସ ମାଧ୍ୟମରେ କ୍ଷମା କରିଦେଲେ । **ଏହି ଆଚରଣ କେବଳ ଇସଲାମୀୟ ନ୍ୟାୟ ଓ କ୍ଷମା କରିବାର ଉଚ୍ଚାସିନ ନମୁନା ଥିଲା ତାହା ନୁହଁ, ବରଂ ବିଲାଲ୍ [ର.ଅ]ଙ୍କ ପରି ଦୁର୍ବଳ, ଅତ୍ୟାଚାରୀତ ଓ ଅସହାୟ ବ୍ୟକ୍ତିଙ୍କର ମର୍ଯ୍ୟାଦା ରକ୍ଷା କରିବାର ଅସାଧାରଣ ପ୍ରୟାସ ଥିଲା । ଯାହାକି ଇସଲାମର ଇତିହାସରେ ଚିର ସ୍ମରଣୀୟ ହୋଇ ରହିବ ।**

ପରିଶେଷରେ ମହାମହିମ ହୁଜୁର ଅନୱର[ଅ.ବ] କହିଲେ; **ଏହା ଆମ ମୁନିବଙ୍କର ପ୍ରତିଶୋଧ ନେବାର ଶୈଳୀ ଥିଲା,** ଅଲ୍ଲାହୁମ୍ମା ସଲ୍ଲି ଅଲା ମୁହମ୍ମଦିନ୍ ଓ୍ୱ ଆଲା ଆଲି ମୁହମ୍ମଦିନ୍ ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍ ଇନ୍ନକା ହମିଦୁମ୍ ମଜିଦ୍ । ହୁଜୁର ଅଧିକନ୍ତୁ କହିଲେ; ଏହା ପବିତ୍ର ମକ୍କା ସହରରେ ପ୍ରବେଶ କରିବାର ବର୍ଣ୍ଣନା ଥିଲା, ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା ହେବ । ଖୁତ୍‌ବାର ଶେଷ ଭାଗରେ ହୁଜୁର ଅନୱର[ଅ.ବ] ମୃତ ଶ୍ରୀମତୀ ଅମିନା ଶହେନାଜ୍ ସାହେବା ପତ୍ନୀ ଶ୍ରୀମାନ ଇନାମୁଲ୍ଲାଃ ସାହେବ ଲାହୋର ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ନମାଜ ଜୁମା ପରେ ତାଙ୍କର ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

27th June 2025

*Translated to Odia by :* Moulavi Anwar Ahmad Khan